## ସଂକ୍ଷେପରେ

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଉମରକୋଟ, ୩୦।୧୨(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ପକ୍ଷରୁ ସ୍ଥାନୀୟ କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୌରାଧକ୍ଷା ରାଧା ଭତ୍ରା, କାଉନସିଲର ଚିତ୍ତରଞ୍ଜନ ପାତ୍ର, ମନୋଜ ନାୟକ, ସରୋଜିନୀ ଶବର, ନିଲାମ ହରିଜନ, ପୌର ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିୟା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ଅଞ୍ଚଳର ଅନେକ ରୋଗୀ ଏହି ଶିବିରକୁ ଯାଇଥିଲେ। ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିହ୍ନଟ କରିବା ଚକ୍ଷୁ ବିଶେଷଜ୍ଞ ରାଜେଶ ପଣ୍ଡା, ନାକ, କାନ,ଗଳା ବିଶେଷଜ୍ଞ ତୃପ୍ତି ଷଡ଼ଙ୍ଗୀ, ଶିଶୁ ସୁରକ୍ଷା ବିଶେଷଜ୍ଞ ଡାକ୍ତର ସନ୍ତୋଷ ପଣ୍ଡା, ଅସ୍ଥିଶଲ୍ୟ ଡାକ୍ତର ଚିନ୍ମୟ ସାହୁ, ଔଷଧ ବିଶେଷଜ୍ଞ ଏସ୍. ବିକ୍ରମ, ଫିଜିଓଥେରାପିଷ୍ଟ ସମିତ ପାତ୍ର ଯୋଗ ଦେଇଥିଲେ। ପୌରାଞ୍ଚଳରୁ ଅସ୍ଥିଶଲ୍ୟରେ ୩୪, ନେତ୍ରହୀନ ୨୮, ମାନସିକ ବିକୃତ ୧୫, ନାକ, କାନ, ଗଳାରୁ ୮, ଏକାଧିକ ଅକ୍ଷମତାରୁ ୧ ଜଣେ ଏହିଭଳି ସମୁଦାୟ ୮୬ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ସେ ସମସ୍ତଙ୍କୁ ୭ ଦିନ ମଧ୍ୟରେ ପରିଚୟପତ୍ର ମିଳିବ ବୋଲି ପୌର ପରିଷଦ ପକ୍ଷରୁ ସୂଚନା ମିଳିଛି। ପୌର କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ନୂଆ -ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ନବରଙ୍ଗପୁର,୩୦।୧୨(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟାରେ ଚାଲିଥିବା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ମାଲେଶ୍ୱରୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର, ଜିଲାର ନୂଆ ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶାର ସଂଯୋଜିକା ମଞ୍ଜୁଳା ମାଝି, ମହାବିଦ୍ୟାଳୟର ପରିଚାଳନା କମିଟିର



ସଭାପତି ତଥା ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷା ବିଭାଗର ଅଧାପିକା ଡଃ ସଂଯୁକ୍ତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅୟୋଜିତ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ ସେବା ଭିତ୍ତିକ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିନୋଦ ବିହାରୀ ପ୍ରଧାନ, ଅଧାପିକା ରଞ୍ଜୁସା କୁମାରୀ ପ୍ରହରାଜ, ନୃପେନ୍ଦ୍ର ନାଥ ଖୋସଲା, ତାଇରା ବେଗମ, ତ୍ରିପତି ମାଳି, ସୁନିତା ପାତ୍ର, ଲକ୍ଷ୍ମୀକାନ୍ତ ସୌରା, ପଞ୍ଚାନନ ଦାଶ, ସିଦ୍ଧାର୍ଥ ବେହେରା, ଭୁବନ ହରିଜନ, ଅକ୍ଷୟ ନାୟକ, ପଙ୍କଜ ଗରଡ଼ା, ଭୁବନ ହରିଜନଙ୍କ ସମେତ ବହୁ ସଂଖ୍ୟକ ଛାତ୍ରୀ ଯୋଗ ଦେଇଥିଲେ।

# ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଦିବସ

**ମାଲକାନଗିରି,୩୦।୧୨(ଦୁର୍ଯ୍ୟୋଧନ ପାତ୍ର)**



ପ୍ରତିଷ୍ଠା ଦିବାସ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ।

ମାଲକାନଗିରି ଜିଲା ସତ୍ୟନାରାୟଣ ଆବାସିକ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ ସଭା ପ୍ରକୋଷ୍ଠରେ ଉତ୍କଳ ସମ୍ମିଳନୀ ଜିଲା ଶାଖା ଆନୁକୂଲ୍ୟରେ ୧୨୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ ଜିଲା ଶାଖା ସଭାପତି ଅଧାପକ ରଞ୍ଜନ କୁମାର ସ୍ୱାଇଁ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ମୁଖ୍ୟବକ୍ତା ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ଧନେଶ୍ୱର ମହାପାତ୍ର, ସମ୍ମାନନୀୟ ଅତିଥି ଅଧାପକ ଅଶୋକ କୁମାର ଷଡ଼ଙ୍ଗୀ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ମହାରଣା, ସମ୍ମିଳନୀ ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ପ୍ରମିୟ କୁମାର ମହାନ୍ତି, କବୀର ମୋହନ ବେହେରା, ବାଲାରାଜୁ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ । ସମସ୍ତ ବକ୍ତା ମଧୁବାବୁଙ୍କ ଜୀବନୀ ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ ଉପରେ ଆଲୋଚନା କରିଥିଲେ। ମଧୁବାବୁଙ୍କ ମାନସ ପୁତ୍ର ଉତ୍କଳ ସମ୍ମିଳନୀ ୧୯୦୩ରେ ଗଠିତ ହୋଇ ୩୩ ବର୍ଷ ସଂଗ୍ରାମ କରି ଓଡ଼ିଶାକୁ ଭାଷାଭିତ୍ତିକ ପ୍ରଦେଶ ଭାବେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଯାଇ ପାରିଥିଲା ବୋଲି ମୁଖ୍ୟ ଅତିଥି ପ୍ରଧାନ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ଉପସଭାପତି ରଞ୍ଜିତ କୁମାର ନାୟକ, ଚିତ୍ତରଞ୍ଜନ ସରକାର, ପ୍ରମୋଦ କୁମାର ପଣ୍ଡା, ସୀମାଞ୍ଚଳ ଭୂୟାଁ, କଳ୍ପତରୁ ନାୟକ, ବସନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସର୍କିଟ୍ ହାଉସଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲାପାଳ ପ୍ରଧାନ ଯୋଜନା ଓ ପରିସଂଖ୍ୟାନ ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ, ଜିଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ବରିଷ୍ଠ ସାମ୍ବାଦିକ ରତ୍ନାକର ଦାସ, ସାମ୍ବାଦିକ ଅଶୋକ ମିଶ୍ର, ଅଧାପକ ଅଶୋକ କୁମାର ଷଡଙ୍ଗୀ, ରାହୁଲ ଗୋଲୋରି, ଡମ୍ବୁର ବାଘ ଓ ନାଥନ ବାଲା ପ୍ରମୁଖ ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ।

# ଛତିଶଗଡ଼ ନେଉଛି ଓଡ଼ିଶା ଧାନ

**ମାଥିଲି,୩୦।୧୨(ସୁବାସ ଚନ୍ଦ୍ର ଖୁଡୁପିଆ)**

ଛତିଶଗଡ଼ ମୁହାଁ ଓଡ଼ିଶା ଧାନ। ଟୋକନ ଅଛି କିନ୍ତୁ ମଣ୍ଡିକୁ ଚାଷୀ ଆଣୁନାହାନ୍ତି ଧାନ। ମାଥିଲି ବ୍ଲକର ଧାନମଣ୍ଡି ଏବେ ଖାଁ ଖାଁ। ପ୍ରତିବର୍ଷ ମଣ୍ଡିରେ ଧାନ ରଖିବାକୁ ଜାଗା ମିଳୁ ନ ଥାଏ। ତେବେ ଚଳିତ ବର୍ଷ ମାଥିଲି ବ୍ଲକ ସଦର ମହକୁମାଠାରେ ଥିବା ଆର୍‌ଏମ୍‌ସିର ୨୦୦୦କୁଇଣ୍ଟାଲ ଧାନ କ୍ରୟ କରିବାକୁ ସ୍ଥିର ହୋଇଥିବା ବେଳେ ଏ ପଟେ ଚାଷୀଙ୍କ ଭିଡ଼ ନାହିଁ। କାରଣ ଓଡ଼ିଶାରେ ଧାନର ସହାୟକ ମୂଲ୍ୟ ୨୧୮୩ରୁ ୨୨୦୩ଟଙ୍କା ହୋଇ ଥିବାବେଳେ ପଡ଼ୋଶୀ ଛତିଶଗଡ଼ରେ ୩୧୦୦ଶହ ଟଙ୍କାରେ କୁଇଣ୍ଟାଲ ଦରରେ ଧାନ କିଣୁଛନ୍ତି ସରକାର। ଆଉ ଛତିଶଗଡ଼ରେ ଦଲାଲମାନେ ଓଡ଼ିଶା ଚାଷୀଙ୍କ ଘରକୁ ଆସି ୨୨୦୦ କିମ୍ବା ୨୩୦୦ଟଙ୍କାରେ ଧାନ କିଣି ନେଉଛନ୍ତି । ସେହିପରି ମଣ୍ଡି ବିଳମ୍ବରେ ଆରମ୍ଭ ହେଉଥିବାରୁ ଚାଷୀମାନେ ବିଲରୁ ହିଁ ଧାନ ବିକିବା ଆରମ୍ଭ କରିଛନ୍ତି । ଗତବର୍ଷ ଡିସେମ୍ବର ୧୪ ତୁଳନାରେ ଚଳିତ ବର୍ଷ ଡିସେମ୍ବର ୨୦ରେ ଆରମ୍ଭ ହୋଇଛି । ଏହା ପୂର୍ବରୁ ଧାନ ବିକ୍ରିକରି ଦେଇଛନ୍ତି ଚାଷୀ। ରାମାଗୁଡା ମଣ୍ଡିରେ ପ୍ରତି ସପ୍ତାହରେ ୧୫୦୦କୁଇଣ୍ଟାଲ ଧାନ କିଣିବା ଯୋଜନା ରହିଥିବା ବେଳେ ପ୍ରଥମ ସପ୍ତାହରେ ୯୦୦କୁଇଣ୍ଟାଲ, ଦ୍ୱିତୀୟ ସପ୍ତାହରେ ୭୦୦କୁଇଣ୍ଟାଲ ଧାନ କ୍ରୟ ହୋଇଛି। ସେହିପରି ସମଗ୍ର ଜିଲାରେ ଟାର୍ଗେଟଠାରୁ ୪୦ପ୍ରତିଶତ କମ୍ ବୋଲି ଜଣାପଡିଛି । ସରକାରୀ ମଣ୍ଡିରୁ ମୁହଁ ଫେରାଇ ନେଉଛନ୍ତି ଚାଷୀ। ବିଳମ୍ବରେ ମଣ୍ଡି ଆରମ୍ଭ ସାଙ୍ଗକୁ ଏପଟେ କଟ୍‌ନି ଛଟ୍‌ନି। ତେଣୁ ପଡ଼ୋଶୀ ରାଜ୍ୟର ଦଲାଲମାନଙ୍କୁ ଚଢା ଦରରେ ଧାନ ବିକ୍ରି କରୁଛନ୍ତି ଚାଷୀ।



ମଣ୍ଡିରେ ଥିବା ଧାନ ।

# ପୂଜାରିଗୁଡ଼ା ମଣ୍ଡିରେ ଜିଲାସ୍ତରୀୟ ଅଧିକାରୀଙ୍କ ଯାଞ୍ଚ

- ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ ଚାଷୀ ସଙ୍ଗଠନ ସଦସ୍ୟ
- ମଣ୍ଡିରେ ପଡ଼ିଥିବା ଧାନ ଉଠାଇବାକୁ ମିଲରଙ୍କୁ ତାଗିଦ

**ତେନ୍ତୁଳିଖୁଣ୍ଟି, ୩୦।୧୨(ଚିଦାନନ୍ଦ ସାହୁ)**



ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡା ମଣ୍ଡିରେ ୧୧ ଜଣଙ୍କ ୫୦୦ କୁଇଣ୍ଟାଲ ଧାନ ମିଲରଙ୍କ ମନମାନୀ ହେତୁ ଉଠି ପାରି ନ ଥିଲା। ଏ ନେଇ ବ୍ଲକର ଚାଷୀ ସଙ୍ଗଠନ କର୍ମକର୍ତ୍ତା ଶୁକ୍ରବାର ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ଭେଟି ମଣ୍ଡି ଅବ୍ୟବସ୍ଥା ଓ ମିଲରଙ୍କ ମନମାନି ସମ୍ପର୍କରେ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଏସିଏସ୍ଓ ମିଳନ କୁମାର ମାଝି, ଏମ୍ଆଇ ରାଜେଶ ଶବର, ତେନ୍ତୁଳିଖୁଣ୍ଟି ଏମ୍ଆଇ ରୋହିତ ମାଝି ପୂଜାରିଗୁଡ଼ା ମଣ୍ଡିରେ ସ୍ଥିତି ଅନୁଧ୍ୟାନ କରିଥିଲେ। ସମସ୍ତ ମିଲର ଓ ଏମ୍ଡିଙ୍କୁ ଡାକି ଧାନ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ମଣ୍ଡିରୁ ଧାନ ଉଠାଇବୁ ବୋଲି ମିଲରମାନେ ପ୍ରତିଶ୍ରୁତି ଦେଇଛନ୍ତି। ମିଲର ଓ ଅଧିକାରୀଙ୍କ ଆଲୋଚନାବେଳେ ଚାଷୀମାନେ ଉପସ୍ଥିତ ଥିଲେ।

### ଆବାସ କାର୍ଯ୍ୟାଦେଶ ବଣ୍ଟନ, ଭେଣ୍ଡିଂ ଜୋନ୍ ଉଦ୍‌ଘାଟନ

**ନବରଙ୍ଗପୁର,୩୦।୧୨(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ପୌରପାଳିକା ପକ୍ଷରୁ ଶନିବାର ୨ଟି କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭେଣ୍ଡିଙ୍ଗ ଜୋନ ଶୁଭ ଉଦଘାଟନ କରିବା ସହ ୨୩୦ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।ପର୍ଯ୍ୟାୟ କ୍ରମେ ସେମାନଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ନବରଙ୍ଗପୁର ବିଧାୟକ ସୂଚନା ଦେଇଛନ୍ତି। ନବରଙ୍ଗପୁର ସହର ମଧ୍ୟରେ ପନିପରିବା ଦୋକାନୀ ରାସ୍ତା କଡ଼ରେ ବସି ବେପାର କରୁଥିଲେ। ନବରଙ୍ଗପୁର ପୌରପାଳିକା ପକ୍ଷରୁ ସେମାନଙ୍କ ପାଇଁ ୨ ନଂ ୱାର୍ଡ ଚାଉଳଟ୍ରି ପଡ଼ିଆ ଭିତରେ ଭେଣ୍ଡିଙ୍ଗ ଜୋନ କରାଯାଇଛି। ଯେଉଁଠି ୧୨ଟି ଷ୍ଟଲ ରହିଛି। ଉକ୍ତ ଷ୍ଟଲଗୁଡ଼ିକୁ ବିଧାୟକ ଶନିବାର ଉଦ୍‌ଘାଟନ କରିଥିଲେ। ସେହିଭଳି ପୌରପାଳିକା କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ଏହି ୨ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ପୌରପାଳିକା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଅଜଣା ଗାଡ଼ି ଧକ୍କାରେ ୨ ମୃତକଙ୍କ ପରିଚୟ ମିଳିଲା

**କାଲିମେଳା, ୩୦।୧୨ (ଜୀବନକୃଷ୍ଣ ଦାସ)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ତଥା ଏମ୍‌ଭି ୭୯ ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥ ଏମ୍‌ଭି ୯୬ ନିକଟରେ ଶୁକ୍ରବାର ରାତି ପ୍ରାୟ ୮ ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ମୃତକଙ୍କ ପରିଚୟ ମିଳିଛି। ୨ ମୃତ ବ୍ୟକ୍ତି କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତ ପିଣ୍ଡିକୁଣ୍ଡା ଗାଁର ଭୀମା ତେଲାମ (୩୦) ଏବଂ ବାଞ୍ଜିଗୁଡ଼ା ଗାଁର ଦୁଲା ବାଡ଼ଛି (୨୩)। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଦୁଲା ଏବଂ ଭୀମା ବାଇକ୍ ଯୋଗେ ନିଜ ଗାଁରୁ ଏମ୍‌ଭି ୭୨ ଗ୍ରାମ ସାପ୍ତାହିକ ହାଟକୁ ଆସୁଥିବା ସମୟରେ କାଲିମେଳା ପଟୁ ମୋଟୁ ଆଡ଼କୁ ଯାଉଥିବା ଅଜଣା ଗାଡ଼ି ଏମାନଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା । ଦୁଇ ବାଇକ୍ ଆରୋହୀ ଦୁର୍ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ପରେ ଏମ୍‌ଭି ୭୯ ପୋଲିସ ଏବଂ ଗ୍ରାମବାସୀଙ୍କ ସହାୟତାରେ ମୃତ ଦେହକୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବଚ୍ଛେଦ ଗୃହକୁ ଆଣି ରଖାଯାଇଥିଲା। ଏ ନେଇ ଏମ୍‌ଭି ୭୯ ପୋଲିସ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମିଶନ ଶକ୍ତି ଆନୁକୂଲ୍ୟରେ ୪ ଜଣଙ୍କୁ ସ୍କୁଟି




ସ୍କୁଟି ପ୍ରଦାନ କରାଯାଉଛି ।

**ଚିତ୍ରକୋଣ୍ଡା,୩୦।୧୨(କ୍ଷୀରୋଦ ବେହେରା)**

ମିଶନ ଶକ୍ତି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ୪ ଜଣଙ୍କୁ ସ୍କୁଟି ବଣ୍ଟନ କରାଯାଇଛି। ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନକରି ସ୍କୁଟି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ଚିତ୍ରକୋଣ୍ଡା ଶାଖାର ପରିଚାଳକ ଅରୁଣ କୁମାର ସୁନାଧର,ଓଡ଼ିଶା ଜୀବିକା ମିଶନ ବିପିଏମ୍ ପର୍ଶୁରାମ ବେହେରା, ମିଶନ ଶକ୍ତି ସଂଯୋଜକ ରବୀନ୍ଦ୍ର ଭୂୟାଁ, ବିଏଲ୍‌ସି ସୋମନାଥ କୁମ୍ଭାର,ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସ ଓ ଆଇସିଡିଏସ୍ ସୁପରଭାଇଜର ଚମ୍ପା ନାୟକଙ୍କ ଉପସ୍ଥିତିରେ ଓଏଲ୍‌ଏମ୍ ଦ୍ୱାରା ଚିତ୍ରକୋଣ୍ଡା ଷ୍ଟେଟ ବ୍ୟାଙ୍କରେ କାର୍ଯ୍ୟରତ ବ୍ୟାଙ୍କମିତ୍ର ବର୍ଷାରାଣୀ ଗିରି, ବଡ଼ପଦର ପଞ୍ଚାୟତ ଏମ୍‌ବିକେକେ ସୁବାରାଓ ବାଗେଡ଼ିଆ, ବଡ଼ପଡ଼ା ପଞ୍ଚାୟତ ସିଆର୍‌ପି ହରିବାଲା ଶୁକ୍ରି ଓ ଚିତ୍ରକୋଣ୍ଡା ମହିଳା ମହାସଂଘ ଜିପିଇଏଲ୍‌ଏଫ୍ ସଦସ୍ୟ ପୂର୍ଣ୍ଣମା ଖରାଙ୍କୁ ସ୍କୁଟି ପ୍ରଦାନ କରାଯାଇଛି । ସ୍କୁଟି ପାଇଁ ଆବେଦନ କରିଥିବା ଅନ୍ୟ ସଦସ୍ୟମାନଙ୍କୁ ଖୁବ୍ ଶୀଘ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

# ମିଲେଟ ମିଶନରେ ମାଣ୍ଡିଆଚାଷକୁ ଲାଭ

**ଡାବୁଗାଁ,୩୦।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)**

**ମିଲେଟ ପ୍ରମୋସନାଲ ଇଭେଣ୍ଟ ଉଇଥ ପଞ୍ଚାୟତିରାଜ ଇନ୍‌ଷ୍ଟିଚ୍ୟୁଶନ୍ସ କାର୍ଯ୍ୟକ୍ରମ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ମିଲେଟ ପ୍ରମୋସନାଲ ଇଭେଣ୍ଟ ଉଇଥ ପଞ୍ଚାୟତିରାଜ ଇନ୍‌ଷ୍ଟିଚୁଶନ୍ସ କାର୍ଯ୍ୟକ୍ରମ କରାଯାଇଛି। ଡାବୁଗାଁ ବିଡିଓ ଶରତ ମାଝି ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମିଲେଟ ମିଶନ ମାଧ୍ୟମରେ ମାଣ୍ଡିଆ ଚାଷ କରିବାର ପ୍ରଣାଳୀ ବଦଳାଇ ଚାଷୀମାନେ କମ୍ ଖର୍ଚ୍ଚରେ ଲାଭବାନ ହେଉଛନ୍ତି। ସରକାରୀସ୍ତରରେ ମଣ୍ଡି ବ୍ୟବସ୍ଥା କରାଯାଇ କୁଇଣ୍ଟାଲ ପିଛା ୩୮୪୬ ଟଙ୍କା ଦରରେ ବିକ୍ରି ବ୍ୟବସ୍ଥା କରାଯାଉଛି ବୋଲି ବ୍ଲକ ସଂଯୋଜକ ନବୀନ ମହୁରିଆ ସୂଚନା ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଅନୁରୂପ କାର୍ଯ୍ୟକ୍ରମ କରାଯାଇ ଚାଷୀଙ୍କୁ ମାଣ୍ଡିଆ ଚାଷ ଉପରେ ବ୍ୟାପକ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ସିଡିପିଓ ମିନତି ଦାଶ, ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡ. ଶ୍ରୀନିଗୋ ମୁର୍ମୁ, ସୁପରଭାଇଜର, ଡେମୋକ୍ରାଟିକ ଆକ୍ସନ ଟିଫ କାର୍ଯ୍ୟରତ ବିସି, ଏବିସି, ପଞ୍ଚାୟତିରାଜ ପ୍ରତିନିଧି, ଏସ୍‌ଏଚ୍‌ଜି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୫୦ ଚାଷୀ ଉପସ୍ଥିତ ଥିଲେ।

# ୩ ଶହ କେଜି ଗଞ୍ଜେଇ ଜବତ

**ବାଲିମେଳା, ୩୦।୧୨(ଶିବଦତ୍ତ ସାହୁ )**



ଜବତ ଗଞ୍ଜେଇ।

ମାଲକାନଗିରି ଜିଲା ଓରକେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏସଆଇ ନରେନ୍ଦ୍ର ପ୍ରସାଦ ଭତ୍ରାଙ୍କ ନେତୃତ୍ୱରେ ଏକ ଟିମ ଶନିବାର ପୂର୍ବାହ୍ନ ୧୧ଟାରେ କୁଡୁମୁଲୁଗୁମ୍ମା ଫାଣ୍ଡି ଅଧୀନ ପରକନମାଳା ପଞ୍ଚାୟତର ସୁନାନଗର ଗ୍ରାମରେ ଚଢାଉ କରି ୩ଶହ କେଜି ଗଞ୍ଜେଇ ଜବତ କରିଛନ୍ତି। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଯେ ନିକଟସ୍ଥ ଜଙ୍ଗଲରେ କିଛି ଜରି ବସ୍ତାରେ କିଛି ସାମଗ୍ରୀ ରଖାଯାଇଥିବା ସୂଚନା ପାଇ ସେଠାରେ ପହଞ୍ଚି ବସ୍ତାଗୁଡିକୁ ଯାଞ୍ଚ କରିଥିଲା। ସେଥିରୁ ଗଞ୍ଜେଇ ମିଳିଥିଲା। ଏହାର ପରିମାଣ ୩ଶହ କେଜି। ୧୨ଟି ବସ୍ତାରେ ରଖାଯାଇଥିବା ଏହି ଗଞ୍ଜେଇକୁ ଜବତ କରି ପୋଲିସ ଥାନାକୁ ଆଣିଥିଲା। ଏ ନେଇ ପୋଲିସ ୪୭୯/୨୩ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଏହି ଘଟଣାରେ କାହାକୁ ଗିରଫ କରାଯାଇ ନ ଥିବା ପୋଲିସ ସୂଚନା ଦେଇଛି।

# ସଡ଼କ ସୁରକ୍ଷା ବାର୍ତ୍ତା ଦେବ ସଚେତନତା ରଥ

**ନବରଙ୍ଗପୁର,୩୦।୧୨(ସଦାଶିବ ପ୍ରହରାଜ)**

ସଡକ ସୁରକ୍ଷା ସପ୍ତାହ ୨୦୨୪ ଆସନ୍ତା ଜାନୁଆରୀ ୧ରୁ ୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏ ନେଇ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ ଅବସରରେ ଜିଲା ପ୍ରଶାସନ ତଥା ନବରଙ୍ଗପୁର ଆଞ୍ଚଳିକ ପରିବହନ ସଂସ୍ଥା ପକ୍ଷରୁ ଏହି ଉପଲକ୍ଷେ ହେବାକୁଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ ସୂଚନା ଦେଇଥିଲେ। ଜିଲାରେ ସଡ଼କ ଦୁର୍ଘଟଣାରେ ଯେପରି କାହାର ମୃତ୍ୟୁ ନ ଘଟେ ସେଇଥିପାଇଁ ସମସ୍ତେ ସଡ଼କ ସୁରକ୍ଷା ନିୟମ ମାନି ଗାଡି ଚଳେଇବାକୁ ପରାମର୍ଶ ଦିଆଯାଇଛି।

ସ୍କୁଲ, କଲେଜ ପିଲାଙ୍କ ମଧ୍ୟରେ ସଡକ ସୁରକ୍ଷା ସଚେତନତାର ପାଇଁ ବିଭିନ୍ନ ପ୍ରତିଯୋଗିତା କରାଯିବ। ଜାନୁଆରୀ ୧ରେ ସଡକ ସୁରକ୍ଷା ସଚେତନତା ଏଲ୍‌ଇଡି ସଂଯୁକ୍ତ ରଥକୁ ଜିଲାପାଳ ଶୁଭାରମ୍ଭ କରିବେ। ଏହି ସଚେତନତା ରଥ ନବରଙ୍ଗପୁର ସହର, ବ୍ଲକ ଗ୍ରାମାଞ୍ଚଳରେ ସଚେତନତା ବାର୍ତ୍ତା ପ୍ରଚାର କରିବ। ଜିଲାର ବିଭିନ୍ନ ଜନଗହଳି ପୂର୍ଣ୍ଣ ଛକ, କାର୍ଯ୍ୟାଳୟରେ ଲୋକଙ୍କୁ ସଚେତନ କରିବାକୁ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବ୍ୟାନର ଓ ଫ୍ଲେକ୍ସ ଲଗାଯିବ। ବିଭିନ୍ନ ସ୍ଥାନରେ ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଯାନବାହାନ ଯାଞ୍ଚ କରିବେ। ସଡକ ସୁରକ୍ଷା ନିୟମ ଉପରେ ଜିଲାରେ ବ୍ୟାପକ ପ୍ରସାର ପ୍ରଚାର କରିବା ନେଇ ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ସଡକ ସୁରକ୍ଷା ଜନସଚେତନତା ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାରେ ଜିଲା ପ୍ରଶାସନ, ପୋଲିସକୁ ଖବରଦାତାମାନେ ସହଯୋଗ କରିବାକୁ ଜିଲାପାଳ କହିଛନ୍ତି। ଖବରଦାତା ସମ୍ମିଳନୀରେ ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ , ଉପଆରକ୍ଷୀ ଅଧୀକ୍ଷକ ପୁରୁଷୋତ୍ତମ ଭୋଇ, ଡିଆଇପିଆର୍‌ଓ ହଳଧର ନିହାଲ, ନବରଙ୍ଗପୁର ଥାନା ଭାରପ୍ରାପ୍ତ ଅଧିକାରୀ ସମ୍ପିତ ବେହେରା, ଏମ୍‌ଭିଆଇ ବିନୟ ପାଳ, ଏଟିଓ ଦେବାଶିଷ ମଲ୍ଲିକ, ଟ୍ରାଫିକ ସବ୍ ଇନ୍ସପେକ୍ଟର ଅବିନାଶ ବଳ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# ଦେଶୀଡଙ୍ଗାରେ ଜଳବନ୍ଦୀବାସୀଙ୍କ ବିପଦପୂର୍ଣ୍ଣ ଯାତ୍ରା

**ତେନ୍ତୁଳିଖୁଣ୍ଟି, ୩୦।୧୨(ଚିଦାନନ୍ଦ ସାହୁ)**



ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ଜଳବନ୍ଦୀ ଅଞ୍ଚଳବାସୀଙ୍କ ପାଇଁ ଯୋଗାଇ ଦିଆଯାଇଥିବା ମୋଟର ଚାଳିତ ଲଞ୍ଚରେ ଛିଦ୍ର ରହିଛି। ଠିକ୍ ସମୟରେ ଏହାର ମରାମତି କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଲୋକେ ଯାତାୟତ ପାଇଁ ବିପଦପୂର୍ଣ୍ଣଭାବେ ଦେଶୀ ଓ ମାଛଧରା ବୋଟ୍ ଉପରେ ନିର୍ଭର କରୁଛନ୍ତି।

ସୂଚନାନୁଯାୟୀ, ୧୦ବର୍ଷ ପୂର୍ବେ ଜଳବନ୍ଦୀ ଅଞ୍ଚଳବାସୀଙ୍କୁ ଦେଶୀ ଡଙ୍ଗାରେ ବିପଦପୂର୍ଣ୍ଣ ଯାତ୍ରାରୁ ବିରତ କରିବାକୁ ମୋଟର ଚାଳିତ ଲଞ୍ଚ ସେବାକୁ ତତ୍କାଳୀନ ବିଧାୟକ ମନୋହର ରନ୍ଧାରୀ ଲୋକାର୍ପଣ କରିଥିଲେ। ଉକ୍ତ ଲଞ୍ଚରେ ଯାତ୍ରୀ ପିଛା ଯିବା ଆସିବା ପାଇଁ ୩୦ ଟଙ୍କା ନିଆଯାଉଛି। ଲଞ୍ଚ ଜଳ ଭଣ୍ଡାରରେ ଯିବାବେଳେ ଏହା ଭିତରେ ଥିବା ପଥର ଆଦିରେ ବାଡେଇ ହୋଇ କ୍ଷତିଗ୍ରସ୍ତ ହେଉଛି। ପ୍ରକୃତପକ୍ଷେ ସମୟ ସମୟରେ ଏ ସବୁ ତଦାରଖ କରି ଆବଶ୍ୟକ ମରାମତି କରିବା କଥା। କିନ୍ତୁ ଲଞ୍ଚ ଦାୟିତ୍ୱ ବୁଝୁଥିବା ତହସିଲଦାର କାର୍ଯ୍ୟାଳୟ ଏଥିପ୍ରତି ଧ୍ୟାନ ଦେଇ ନ ଥିବା ଅଭିଯୋଗ ହେଉଛି। ଉକ୍ତ ଲଞ୍ଚର ମୁହଁ ଆଡେ ଏକ ଛିଦ୍ର ସୃଷ୍ଟି ହୋଇଥିବା ଖବର ୧୩ ଜୁନ୍‌ରେ ପ୍ରକାଶ ପାଇବା ପରେ ସାମାନ୍ୟ ମରାମତି କରାଯାଇଥିଲେ। ବର୍ତ୍ତମାନ ସେହି ଲଞ୍ଚରେ ଆଉଥରେ ଛିଦ୍ର ସୃଷ୍ଟି ହୋଇଛି। ସେହି ରାସ୍ତା ଦେଇ ଧୀରେଧୀରେ ଜଳ ପ୍ରବେଶ କରୁଛି। ଯାତ୍ରୀଙ୍କ ନିରାପତ୍ତା ପାଇଁ ଏବେ ଲଞ୍ଚ ଚଳାଚଳ ଏକ ପ୍ରକାର ବନ୍ଦ ରହିଛି। ଦେଶୀ ବୋଟ ନ ହେଲେ ମାଛଧରା ବୋଟରେ ବିପଦପୂର୍ଣ୍ଣ ଜଳ ଯାତ୍ରା ପାଇଁ ଜଳବନ୍ଦୀବାସୀ ବାଧ୍ୟ। ଜଳବନ୍ଦୀ ଗାଁରେ ଟିକାକରଣ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟ କର୍ମଚାରୀ ଏହି ଲଞ୍ଚ ବ୍ୟବହାର କରୁଥିଲେ। ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାସ ଜଳବନ୍ଦୀବାସୀଙ୍କୁ ସେମାନଙ୍କ ଗ୍ରାମରେ ଯାଇ ରାସନ ଦେବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସବୁ କାର୍ଯ୍ୟ ପାଇଁ ଦ୍ୱିତୀୟ ଲଞ୍ଚ ବ୍ୟବସ୍ଥା କରାଯାଇ ପାରିନି। ଏବେ ଝଲାଗୁଡ଼ା, ଗୁରୁ ମାଇଗୁଡ଼ା, ବାଗ୍ରା, ଟାଙ୍ଗିଣିକୋଟ, ତଲଙ୍ଗବାସୀ ଅସୁବିଧା ଭୋଗ କରୁଛନ୍ତି। ସେମାନେ ପୁଣି ଦେଶୀ ଡଙ୍ଗା ବ୍ୟବହାର

**ମଞ୍ଚାଗାଁ ଜଳବନ୍ଦୀଙ୍କ ସେବାରେ ଲାଗିଥିବା ମୋଟର ଲଞ୍ଚରେ ଛିଦ୍ର**

ପାଇଁ ବାଧ୍ୟ ହୋଇଛନ୍ତି। ତ୍ୱରିତ ମରାମତି ନ ହେଲେ ଜଳବନ୍ଦୀବାସୀ ହାଟ ପାଳି ଗୁରୁବାର ଦିନ ଦେଶୀ ଡଙ୍ଗା ନେଇ ଯାତ୍ରା କରିବେ। ଲଞ୍ଚ ଡ୍ରାଇଭର ଡମ୍ବୁ ମୁଦୁଲି ଏ ସମ୍ପର୍କରେ ତହସିଲଦାର ଅଶୋକ କୁମାର ମୁଦୁଲିଙ୍କୁ ଜଣାଇଛନ୍ତି। ଉକ୍ତ ଲଞ୍ଚ ମରାମତି ଓ ନୂତନ ଲଞ୍ଚ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦେଇଥିବା ତହସିଲଦାର କହିଛନ୍ତି। ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ସହ ଆଉ ଏକ ମୋଟର ଚାଳିତ ଲଞ୍ଚ ଯୋଗାଇ ଦେବାକୁ ଜଳବନ୍ଦୀ ଅଞ୍ଚଳବାସୀ ଦାବି କରିଛନ୍ତି।

ଜଳଭଣ୍ଡାର ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ମୋଟର ଲଞ୍ଚ ଆବଶ୍ୟକ। କିନ୍ତୁ ବ୍ୟବସ୍ଥା ନାହିଁ। ଇନ୍ଦ୍ରାବତୀ ଡ୍ୟାମ ଓ ଜଳଭଣ୍ଡାରକୁ ପର୍ଯ୍ୟଟନ ମାନଚିତ୍ରରେ ପର୍ଯ୍ୟଟନ ବିଭାଗ ସ୍ଥାନ ଦେଇଛି। ତେଣୁ ସ୍ୱତନ୍ତ୍ର ଭାବେ ଜଳଭଣ୍ଡାର ପରିକ୍ରମା ପାଇଁ ମୋଟର ଚାଳିତ ଲଞ୍ଚ ଯୋଗାଇବା ଉଚିତ ବୋଲି ଲୋକେ ଦାବି କରିଛନ୍ତି।



ଚଇତି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାୟଗଡ଼ା କଲେଜ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ‘ହଜିଯାଉଥିବା ସାଂସ୍କୃତିକ କଳାକୁ ଉଜ୍ଜୀବିତ କରେ ଚଇତିମଞ୍ଚ’

ରାୟଗଡ଼ା,୩୦।୧୨
(ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲ୍ଲାର ଲୋକ ମହୋତ୍ସବ ଚଇତିର ଶନିବାର ଥିଲା ଶେଷ ସନ୍ଧ୍ୟା। ଜିଲ୍ଲାର ଲୋକ ନୃତ୍ୟ, ଜିଲ୍ଲା ଓ ରାଜ୍ୟ ବାହାର କଳାକାରଙ୍କ ନୃତ୍ୟରେ ଚଇତି ମଞ୍ଚ ଢୁଲୁକିଥିଲା। ଶେଷ ଦିନ ଥିବାରୁ ଗ୍ୟାଲେରୀରେ ଦର୍ଶକଙ୍କ ପ୍ରବଳ ଭିଡ଼ ଥିଲା। ହଜାର ହଜାର ଦର୍ଶକ ଶୀତୁଆ ସନ୍ଧ୍ୟାରେ ସାଂସ୍କୃତିକ ଉତ୍ସବଙ୍କୁ ବେଶ୍ ଉପଭୋଗ କରିଥିଲେ।

ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସ୍ୱାଧାଦେବ ସିଂଙ୍କ ପୌରାହିତ୍ୟ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ତଥା ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଏସକେୱାଇ ଉପଦେଷ୍ଟା ସୁଧୀର ଦାସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁଶୟା ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଗୁଡ଼ାରୀ ଏନଏସି ଅଧ୍ୟକ୍ଷା ସରମିତା ଶବର, ମୁନିଗୁଡ଼ା ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁନ୍ଦୃକା, ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ଗୁଡ଼ାରୀ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡିଆଇପିଆର୍‌ଓ ବସନ୍ତ ପ୍ରଧାନ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରିତ କରିବା ପରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ସମସ୍ତଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହାପରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ସ୍ୱାଗତ ଭାଷଣ ଦେଇଥିଲେ। ଅଣଜନଜାତୀୟ ପିଲାମାନେ ଜନଜାତି ବେଶଭୂଷାରେ ଯେଭଳି ସ୍ୱାଗତ ସଙ୍ଗୀତ ପରିବେଷଣ କଲେ ତାହାକୁ ଉପଜିଲ୍ଲାପାଳ ପ୍ରଶଂସା କରିଥିଲେ। ଚଇତି ମଧ୍ୟ ହଜି ଯାଉଥିବା ସାଂସ୍କୃତିକ କଳାକୁ ଉଜ୍ଜୀବିତ ରଖିବାର ମୁଖ୍ୟ ମାଧ୍ୟମ ବୋଲି ମୁଖ୍ୟ ଅତିଥି କହିଥିଲେ। ଶିକ୍ଷାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି ବୋଲି ସେ କହିଥିଲେ।

ଏହି ଉଦ୍‌ଯାପନୀ ସମାରୋହରେ ଇଣ୍ଡିଆନ୍ ଆଇଡୋଲ ଫେମ୍ ପ୍ରଶାନ୍ତ ପାଣ୍ଡିଆଲ, ଆର୍ନ୍ତଜାତିକ କଳାକାର ସୁପ୍ରିମ ଶେଖର ଏବଂ ସୁପର ସିଙ୍ଗର ଫେମ୍ ବିରାସ୍ୱାମୀ ପ୍ରମୁଖ ମୁଖ୍ୟ ଆକର୍ଷଣ ଥିଲେ। ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀମାନେ ଆମେ ରାୟଗଡ଼ିଆ ଡ଼ଙ୍ଗର ତଳେ ଅଛି ଆମ କୁଡ଼ିଆ ଗୀତରେ ନୃତ୍ୟ ପରିବେଷଣ କରି ଚଇତି ମଞ୍ଚ ଢୁଲୁକାଇଥିଲେ। ଛତିଶଗଡ଼ ସାଂସ୍କୃତିକ ଦଳଙ୍କ ମଡ଼ାଇ ନୃତ୍ୟ, କନ୍ଧମାଳ ଜିଲ୍ଲା ସଂସ୍କୃତି ଦଳର ଆଦିବାସୀ ନୃତ୍ୟ, କାଶୀପୁର ବ୍ଲକ କଳା ସଂସ୍କୃତି ସଂଘର ଲୋକ ନୃତ୍ୟ, ସୁପର ମମ୍ ଗ୍ରୁପର କେରଳା ନୃତ୍ୟ, ସାଇପ୍ରିୟା ୱାକର୍ସ କ୍ଲବ ପକ୍ଷରୁ କଲାଟମ ନୃତ୍ୟ, ରାୟଗଡା ବ୍ଲକ କଳା ସଂସ୍କୃତି ସଂଘର ଢେମସା ନୃତ୍ୟ, ରାୟଗଡ଼ା ଡମ ସମାଜ, କୁଇ ସମାଜ ଏବଂ ଆଦିବାସୀ ସମାଜର ପାରମ୍ପରିକ ଲୋକ ନୃତ୍ୟ, ରାୟଗଡ଼ା ବଡ଼ ଚାନ୍ଦିଲି କଳାକାରଙ୍କ ଅଳମତି ଫୁଲମତି ନୃତ୍ୟ, ତେନ୍ତୁଳିଖୁଣ୍ଟି ସାହି ଛାତ୍ରଙ୍କର ସମ୍ବଲପୁରୀ ନୃତ୍ୟକୁ ଲୋକେ ବେଶ୍ ଉପଭୋଗ କରିଥିଲେ। ଚଇତି ଶେଷ ସନ୍ଧ୍ୟାରେ ପୁରୀରୁ ଆସିଥିବା ସାଂସ୍କୃତିକ ଦଳ ପକ୍ଷରୁ ଶିବ ତାଣ୍ଡବ ସ୍ତୋତ୍ରରେ ମାଲଖମ୍ଭ ବେଶ୍ ଆକର୍ଷଣୀୟ ଥିଲା।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।



ପୁରୀର କଳାକାରଙ୍କ ଶିବ ତାଣ୍ଡବ ସ୍ତୋତ୍ରରେ ମାଲଖମ୍ଭ ନୃତ୍ୟ।

# ଲୋକାର୍ପଣ ହେବାକୁ ଥିବା ପ୍ଲାନେଟାରିୟମ ବୁଲି ଦେଖିଲେ ମନ୍ତ୍ରୀ

ରାୟଗଡା,୩୦।୧୨(ଭାଗ୍ୟଶ୍ରୀ ମିଶ୍ର)

**ରାୟଗଡ଼ାରେ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀଙ୍କ ସମୀକ୍ଷା**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ତଥା ସାଧାରଣ ଶିକ୍ଷ୍ୟ ଏବଂ ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ଦିନିକିଆ ରାୟଗଡା ଗସ୍ତରେ ଆସି ସମୀକ୍ଷା ବୈଠକ କରିବା ସହ ଲୋକାର୍ପିତ ହେବାକୁ ଥିବା ପ୍ଲାନେଟାରିୟମ୍ ବୁଲି ଦେଖିଥିଲେ।

କୋରାପୁଟ ଜିଲ୍ଲାକୁ ଦୁଇଦିନିଆ ଗସ୍ତ କରିବା ପରେ ସେ ଶନିବାର ରାୟଗଡାରେ ପହଞ୍ଚିଥିଲେ। ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ,ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ରାୟଗଡା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ମନ୍ତ୍ରୀ ପଣ୍ଡାଙ୍କୁ ସ୍ୱାଗତ କରିଥିଲେ। ମନ୍ତ୍ରୀ ସର୍କିଟ ହାଉସ୍‌ରେ ପହଞ୍ଚିବା ପୂର୍ବରୁ ଜିଲ୍ଲା ସଦର ବ୍ଲକ ଭାକୁରଗୁଡାଠାରେ ଲୋକାର୍ପିତ ହେବାକୁ ଥିବା ନବନିର୍ମିତ ପ୍ଲାନେଟାରିୟମକୁ ବୁଲି ଦେଖିଥିଲେ। ପରେ ସେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ଯୋଜନାର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

ବୈଠକରେ ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମୁଦୁଲି,ଗୁଣପୁର ବିଧାୟକ ଗମାଙ୍ଗ,ଅତିରିକ୍ତ ଜିଲ୍ଲାପାଳ ରଇତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କହଁର, ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଗୁଣପୁର ଉପଜିଲ୍ଲାପାଳ ଲଳିତ କୁମାର କହଁର, ସିଡିଏମ୍‌ଓ ଡାକ୍ତର ଲାଲମୋହନ ରାଉତରାଏ,ରାୟଗଡା ଉପଖଣ୍ଡ ସାମାଜିକ ସୁରକ୍ଷା ଭାରପ୍ରାପ୍ତ ଅଧିକାରୀ ପାଣିଗ୍ରାହୀଙ୍କ ସମେତ ବ୍ଲକସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ, ବିଭିନ୍ନ ବ୍ଲକ ବିଡିଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ପଣ୍ଡା ଓ ସାରକା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍‌ୱାନ ହଲ୍‌ରେ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଯୋଗଦେଇଥିଲେ। କ୍ୟାବିନେଟ ବୈଠକ ଶେଷହେବା ପରେ ଉଭୟ ମନ୍ତ୍ରୀ ସ୍ଥାନୀୟ ଜିସିଡି ହାଇସ୍କୁଲ ପଡିଆରେ ଚାଲିଥିବା ଲୋକ ମହୋତ୍ସବ ‘ଚଇତି ଓ ପଲ୍ଲିଶ୍ରୀ ମେଳା’ରେ ଯୋଗଦେଇଥିଲେ । ମନ୍ତ୍ରୀ ପଣ୍ଡା ଚଇତି କାର୍ଯ୍ୟକ୍ରମରେ କିଛି ସମୟ ଅତିବାହିତ କରି ଭୁବନେଶ୍ୱର ଫେରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଯାଜ୍ଞସେନୀଙ୍କୁ ସଫଳତା

ରାୟଗଡ଼ା, ୩୦।୧୨
(ଭାଗ୍ୟଶ୍ରୀ ମିଶ୍ର)



**ଜାତୀୟସ୍ତରୀୟ କୁଇଜ୍ ପ୍ରତିଯୋଗିତା**

ଭାରତୀୟ ମାନକ ବ୍ୟୁରୋର ସ୍ଥାପନ ଦିବସ ଉପଲକ୍ଷେ ହୋଇଥିବା ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତାରେ ରାୟଗଡା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଯାଜ୍ଞସେନୀ କାନ୍ତା ଜାତୀୟସ୍ତରରେ ସମ୍ମାନିତ ହୋଇଛନ୍ତି। ସେ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଗତ ୨୩ ତାରିଖରେ ସାଇନ୍ସ ଆଣ୍ଡ ଷ୍ଟାଣ୍ଡାର୍ଡ ବିଷୟ ଉପରେ ଅନ୍‌ଲାଇନ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ଯାଜ୍ଞସେନୀ କୃତକାର୍ଯ୍ୟ ହୋଇଥିଲେ। ତାଙ୍କୁ ଆଗାମୀ ଦିନରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ସମ୍ମାନିତ କରାଯିବ। ଏନେଇ ଆୟୋଜିତ ଉତ୍ସବରେ ଛାତ୍ରୀଛାତ୍ର ସୁହାନି ଷଡ଼ଙ୍ଗୀ, ହିମାଂଶୁ ଶେଖର ସାହୁ, ଅଂଶୁମାନ ମହାନ୍ତି, ଅନୁରାଗ ସାହୁ, ତୋମିଟ ନାୟକ ଓ ସୋରେନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଝିଅର ସଫଳତାରେ ଯାଜ୍ଞସେନୀଙ୍କ ବାପା ଖୁସି ପ୍ରକାଶ କରି ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ତ୍ତୃପକ୍ଷ କୃତଜ୍ଞତା ଜଣାଇଛନ୍ତି।

# କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଗୁଣପୁର,୩୦।୧୨(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲ୍ଲା ଗୁଣପୁର ପୌର ପରିଷଦ ପକ୍ଷରୁ ଚାଲିଥିବା ଦୁଇଦିନିଆ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଉପସ୍ଥିତ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚଇତି ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ପୌର ଅଧ୍ୟକ୍ଷା ମମତା ଗୌଡ ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ନିର୍ବାହି ଅଧିକାରୀ ସ୍ୱସ୍ତିକ ଜମାଦାର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରିକେଟ, ଭଲିବଲ, ଫୁଟବଲ, କବାଡି ଏବଂ ଖୋଖୋ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ବିଜୟୀ ଦଳକୁ ୨୦ ହଜାର ଟଙ୍କା ସହ ମାନପତ୍ର ଏବଂ ରନର୍ସଅପ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ମାନପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡା ଶିକ୍ଷକଙ୍କ ସମେତ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।



ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ମୁନିଗୁଡ଼ା,୩୦।୧୨(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୫ ଦିନ ଧରି ଚାଲିଥିବା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିଙ୍କୁ ଅଧ୍ୟାପିକାମାନଙ୍କ ଦ୍ୱାରା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷା କଲ୍ୟାଣୀ ପାଢୀଙ୍କ ସଭାପତିତ୍ୱ ଓ କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବନଛୋରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଜନଜାତି କଲ୍ୟାଣ ଓ ଆଇନ୍ ମନ୍ତ୍ରୀ ଜଗନ୍ନାଥ ସାରକା, ମୁଖ୍ୟବକ୍ତା ବିଦ୍ୟାଳୟ ଫାଉଣ୍ଡର ବୃନ୍ଦାବନ ଗୌଡ଼, ସମ୍ମାନନୀୟ ଅତିଥି ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାସ ମଞ୍ଚାସୀନ ଥିବା ବେଳେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଯୁବ ଓଡ଼ିଶା ନବୀନ ଓଡ଼ିଶାର ଆଭିମୁଖ୍ୟ ବିଷୟରେ କହିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହିତ ବିଦ୍ୟାଳୟକୁ ଗତ ୩୦ବର୍ଷ ଧରି ସହଯୋଗ କରି ଆସୁଥିବା କେତେକ ବ୍ୟକ୍ତି ରତନଲାଲ ଜୈନ୍, ପୂର୍ଣ୍ଣ ଚନ୍ଦ୍ର ଗୌଡ଼, ବୃନ୍ଦାବନ ପାଢ଼ୀ ଓ ନିକଟ ଭବିଷ୍ୟତରେ ଅବସର ନେଇଥିବା ଅଧ୍ୟକ୍ଷ ଡ଼.ଦେବାନନ୍ଦ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ବରିଷ୍ଠ କିରାଣି ଜିତେନ୍ଦ୍ର ପ୍ରସାଦ ଗୌଡ଼, ଅଧ୍ୟାପିକା ସୁମତି ରଣା, ରୋଜାଲିନ ମଲ୍ଲ, ଶୁଭଲକ୍ଷ୍ମୀ ସାହୁ, ନିତିସ୍ମା ସାହୁ, ତେଜସ୍ୱିନି ଗୌଡ଼, ରୋଜାଲିନ ଗୌଡ଼,ଭାରତୀ ନେମାଲପୁରି, ଜ୍ୟୋର୍ତିମୟୀ ଟାଟି, ଦେବାଶିଷ ପଣ୍ଡା,ଶରତ ରତ୍ନାଲୁ,କୁମରବର ଆଚାରି ଓ ପ୍ରସାଦ ରାଓ ଆଚାରି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।





ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ

ବିଷମ କଟକ,୩୦।୧୨(ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର କୁର୍ଲି ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ଧନ ମନ୍ ଯୋଜନାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିମ ଜନଜାତିଙ୍କୁ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନରେ ସାମିଲ କରିବା ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ। ସମସ୍ତଙ୍କୁ ପକ୍କାଘର, ଶୌଚାଳୟ ନିର୍ମାଣ, ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ, ପ୍ରତ୍ୟେକ ଜନବସତିକୁ ରାସ୍ତା, ପ୍ରତିଘରକୁ ବିଦ୍ୟୁତ୍ ଯୋଗାଣ, ସୌରଶକ୍ତି ପରିଚାଳନାରେ ସମସ୍ତଙ୍କୁ ଉତ୍ତମ ଶିକ୍ଷା, ମୋ ଭାରତ ସ୍ୱେଚ୍ଛାସେବୀଙ୍କ ଜରିଆରେ ପ୍ରୌଢଶିକ୍ଷା, ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା, ୧୦୦ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳ ପାଇଁ ଅଙ୍ଗନୱାଡି କେନ୍ଦ୍ର, ବହୁମୁଖୀ କେନ୍ଦ୍ରରେ ଅଙ୍ଗନୱାଡି ସେବା, ନିଶୁଳ୍କ ରାଶନ, ନିଶୁଳ୍କ ଗ୍ୟାସ ଯୋଗାଣ, ପ୍ରଧାନମନ୍ତ୍ରୀ ଜନ୍ମ ଆରୋଗ୍ୟ ଯୋଜନା, ଗର୍ଭବତୀ ମାଆମାନଙ୍କୁ ଆର୍ଥିକ ସହାୟତା, ଶତ ପ୍ରତିଶତ ଟିକାକରଣ, ସୁକନ୍ୟା ସମୃଦ୍ଧି ଯୋଜନା ନେଇ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓପିଲିପି ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ପାଢୀ, ଜିଲ୍ଲା ପ୍ରଭାରୀ ଅଧିକାରୀ ସୁନିଲ ସାହୁ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଡ. ଦିଲ୍ଲୀପ ବେହେରା , ବିଷମ କଟକ ବିଡିଓ ସଦାଶିବ ନାୟକ, ବ୍ଲକ୍ ଅଧ୍ୟକ୍ଷା ଯଶୋଦା ହୁଇକା, ଡଙ୍ଗରିଆ କନ୍ଧ ସ୍ୱତନ୍ତ୍ର ଉନ୍ନୟନ ଅଧିକାରୀ ଜଗତ ଜୀବନ ବରର୍ତ୍ତି , କୁଲି ସରପଞ୍ଚ ସୁବରଦିନୀ ୱାଡାକା, ମଙ୍ଗଳ ବିଭାଗ ଅଧିକାରୀ ଶୁଭପ୍ରଦା ସାଶମଲ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଜିଓ ଡାଇରେକ୍ଟରଙ୍କୁ ଦାୟୀକରି ବାପାଙ୍କ ଏତଲା

ରାୟଗଡ଼ା,୩୦।୧୨(ଆଶିଷ ରଞ୍ଜନ ପଣ୍ଡା)

**ଲକ୍ଷ୍ମୀ ମାଝି ମୃତ୍ୟୁ ଘଟଣା**
- ବ୍ୟବଚ୍ଛେଦ ପରେ ପରିବାରକୁ ଦିଆଯାଇନି ରିପୋର୍ଟ
- ପୋଲିସଠୁ ନେଇ କ୍ରାଇମ୍‌ବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ

ଦିବ୍ୟାଙ୍ଗ ଯୁବତୀ ଗୋଡ଼ ଖରାପ ଥିବାରୁ ଠିକ୍‌ରେ ଚାଲି ପାରୁନଥିବା ବେଳେ ଏକ ଏନ୍‌ଜିଓ ମା ସୁଧାର ଗୃହରେ ୪ବର୍ଷ ହେବ ୱାର୍ଡେନ ଭାବେ କାମ କରୁଥିଲେ। ଗତ ୨୧ ତାରିଖରେ ଯୁବତୀଙ୍କର କୌଣସି କାରଣରୁ ମୃତ୍ୟୁ ହୋଇଗଲା । ମୃତଦେହ ଏଭଳି ଅବସ୍ଥାରେ ପଡ଼ି ରହିଥିଲା, ଖବର ଜଣାପଡ଼ିବା ମାତ୍ରେ ଜିଲାରେ ହଇଚଇ ହୋଇଯାଇଥିଲା। ମୃତ ଯୁବତୀ ଜଣକ ହେଉଛନ୍ତି କାଶୀପୁର ବ୍ଲକ ନାକଟିଗୁଡ଼ା ଗ୍ରାମର ଲକ୍ଷ୍ମୀ ମାଝି(୨୮) । ୨୧ ତାରିଖ ଅପରାହ୍ନ ୪ଟା ପରଠାରୁ ସେ ଆଉ ମା ଗୃହରେ ନ ଥିଲେ । ତାଙ୍କ ସହକର୍ମୀ ଫୋନ କରି ପରିବାରବର୍ଗଙ୍କୁ ଏ ବିଷୟରେ ଜଣାଇଥିଲେ । ପରେ ଲକ୍ଷ୍ମୀଙ୍କୁ ଖୋଜିବା ଆରମ୍ଭ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ଅର୍ଦ୍ଧଦଗ୍ଧ ନଗ୍ନ ମୃତଦେହ ଚନ୍ଦ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଏକ ପରିତ୍ୟକ୍ତ ଗୃହ ନିକଟରୁ ମିଳିଥିଲା। ଯେମିତି କେହି ତାଙ୍କୁ ମାରିବା ପରେ ପ୍ରମାଣ ନଷ୍ଟ ପାଇଁ ପୋଡ଼ିଦେବାକୁ ଉଦ୍ୟମ କରିଥିଲେ। ମୃତଦେହ ପୋଲିସ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଘଟଣାକୁ ନେଇ ଭାଜପା ମହିଳା ମୋର୍ଚ୍ଚା ଓ ଆଦିବାସୀ ସଂଗଠନ ନିରପେକ୍ଷ ତଦନ୍ତ ପାଇଁ ସ୍ୱର ଉଠାଇବାରୁ ଏହାର ଭାର ସରକାର କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି । ଶୁକ୍ରବାରଠାରୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତଦନ୍ତ କରୁଛି। ଝିଅର ମୃତ୍ୟୁକୁ ନେଇ ପୋଲିସରେ ଏତଲା ଦେଇଛନ୍ତି ବାପା ବେଲଧର ମାଝି । ଏତଲାରେ ଏନ୍‌ଜିଓ ନିର୍ଦ୍ଦେଶକଙ୍କୁ ଦାୟୀ କରିଛନ୍ତି । ଏ ନେଇ ଚନ୍ଦ୍ରପୁର ଥାନାରେ ଗତ ୨୨ ତାରିଖରେ ନଂ. ୮୬/୨୩ରେ ମାମଲା ରୁଜୁ ହୋଇଛି।

ଲକ୍ଷ୍ମୀଙ୍କ ବାପା ବେଲଧରଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କୁ ରାତି ୯ଟାରେ ଏକ ଫୋନ୍ ଆସିଥିଲା। ମା’ ଗୃହରେ କାମ କରୁଥିବା ସହକର୍ମୀ କହିଥିଲେ, ଲକ୍ଷ୍ମୀଙ୍କର ୨୧ ତାରିଖ ଅପରାହ୍ନ ୪ଟା ପରଠାରୁ ଖୋଜଖବର ମିଳୁନି। ବେଲଧର ଓ ତାଙ୍କ ସମ୍ପର୍କୀୟ ଲକ୍ଷ୍ମୀଙ୍କ ମୋବାଇଲକୁ ଫୋନ କରିଥିଲେ ହେଁ ଯୋଗାଯୋଗ ହୋଇପାରି ନ ଥିଲା। ଏନେଇ ମା’ ସୁଧାର ଗୃହ ସହକର୍ମୀମାନେ ପୋଲିସକୁ ଖବର ଦେବାକୁ ଯାଉଥିବା ବେଲଧରଙ୍କୁ ଫୋନ୍‌ରେ ଜଣାଇଥିଲେ। ଘଟଣା ସମ୍ପର୍କରେ ବେଲଧରଙ୍କ ସହ ଯୋଗାଯୋଗ କରିବାରୁ ଝିଅ ବହୁତ ଶାନ୍ତ ଓ ସରଳ। ଦିବ୍ୟାଙ୍ଗ ହେଲେ ମଧ୍ୟ ଚାକିରି କରି ବାପମାଆଙ୍କ ସାହାରା ପାଲଟିଥିଲା । ସେ ଆହୁରି କହିଥିଲେ, ଲକ୍ଷ୍ମୀ ତାଙ୍କ ଦାଦା ପୁଅ ଭାଇଙ୍କୁ ଫୋନ କରି କାନ୍ଦି କାନ୍ଦି କହିଥିଲେ, ସେଠାରେ ଆଉ କାମ କରିବେ ନାହିଁ ଘରକୁ ଫେରିଯିବେ । ସେଠାରେ ସମ୍ପୃକ୍ତ ଏନ୍‌ଜିଓ ଡାଇରେକ୍ଟର ତାଙ୍କୁ ଦୁର୍ବ୍ୟବହାର କରୁଛନ୍ତି । ତେବେ ଏହି ଘଟଣାକୁ ନେଇ ମୁନିଗୁଡ଼ା ଏସ୍‌ଡିପିଓ ସନ୍ତୋଷିନି ଓରାମଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇନଥିଲେ। ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତରୁ କେଉଁଭଳି ସତ୍ୟ ସାମ୍ନାକୁ ଆସୁଛି ତାହା ଜଣାପଡ଼ିବ। ତେବେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବର୍ତ୍ତମାନ କୌଣସି ସୂଚନା ମିଳିନାହିଁ। ଚନ୍ଦ୍ରପୁର ଥାନା ଭିତରକୁ ଗଣମାଧ୍ୟମକୁ ଯିବାକୁ ଦିଆଯାଉନାହିଁ। ଅପରପକ୍ଷେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ସହ ଆସିଥିବା ସାଇଣ୍ଟିଫିକ୍ ଟିମ୍ ନମୂନା ସଂଗ୍ରହ କରି ଭୁବନେଶ୍ୱର ଚାଲିଯାଇଥିବା ବେଳେ ତଦନ୍ତକାରୀ ଦଳ ଚନ୍ଦ୍ରପୁରରେ ତନାଘନା କରୁଥିବା ଜଣାପଡ଼ିଛି। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ଦେବାକୁ ଉଭୟ ଭାଜପା ଓ ଜିଲ୍ଲା ଆଦିବାସୀ ମହାସଂଘ ଦାବି କରିଛି।

**ସଂକ୍ଷେପରେ**

## ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ



ଜୟପୁର, ୩୦।୧୨ (ପବନ ପାଣିଗ୍ରାହୀ)

ଜୟପୁର ଦଶହରା ପଡ଼ିଆଠାରେ ଚାଲିଥିବା ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଜିଲା ପରିଷଦ ସଭାପତି ସସ୍ମିତା ମେଲକା, ସିଡିଏଓ ଜାମି ସୁରିୟା ରାଓ, ଆରଏମ୍‌ସି ଉପାଧ୍ୟକ୍ଷ ବାଲା ରାୟ, ସିଡିଏଓ ପ୍ରଦୀପ ମହାନ୍ତି, ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମିଶ୍ର, ଏଡିଓ ବୈକୁଣ୍ଠନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ଉନ୍ନତ କୃଷିଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ରହିଥିବା ସରକାରୀ ସହାୟତା ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଇଥିଲା। ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ପ୍ରଚାର ଏବଂ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣ ସୁଯୋଗ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଥିବା ରିହାତି ବ୍ୟବସ୍ଥା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଇଥିଲା।

## ମହିଳା ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଜୟପୁର, ୩୦।୧୨ (ପବନ ପାଣିଗ୍ରାହୀ)

ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଡମ୍ବରୁଧର ଦାସ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## କମୁଛି ତିଆରି ପୋଷାକର ଚାହିଦା

ସୁନାବେଡ଼ା,୩୦।୧୨ (କୃତ୍ତିବାସ ପ୍ରଧାନ)

ଏବେ ତିଆରି ପୋଷାକର ଚାହିଦା କମିବାରେ ଲାଗିଛି। ଏହି ବୃତ୍ତିରେ ନିୟୋଜିତ କାରିଗରମାନେ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସମୟ ଥିଲା କପଡ଼ାରେ ଡ୍ରେସ୍ ତିଆରି କରିବା ଲାଗି ଏହି କାରିଗରଙ୍କ ନିକଟରେ ଭିଡ ଜମୁଥିଲା। ମାତ୍ର ଏବେ ସମୟ ବଦଳିଯାଇଥିବାରୁ ଏବଂ ବଜାରରେ ବିଭିନ୍ନ କମ୍ପାନୀର ପୋଷାକ ଉପଲବ୍ଧ ହେଉଥିବାରୁ ସମସ୍ତେ ଏବେ ସେଥିପ୍ରତି ଆକୃଷ୍ଟ ହେବା ଯୋଗୁ ତିଆରି ପୋଷାକର ଚାହିଦା କମିବାରେ ଲାଗିଛି। ସରକାର ସବୁ ବର୍ଗର ଲୋକଙ୍କ ପ୍ରତି ବିଭିନ୍ନ ଯୋଜନା କରୁଥିବା ବେଳେ ପୋଷାକ ତିଆରିକୁ ବୃତ୍ତି କରିଥିବା କାରିଗରମାନଙ୍କ ପ୍ରତି ନୀରବ ରହୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ୧୨ ଗ୍ରାମ ବିକାଶରେ ରେଳଧାରଣା ବାଧକ

ନନ୍ଦପୁର, ୩୦।୧୨ (ଶଙ୍କର ପୂଜାରୀ)



ବିକାଶ କାର୍ଯ୍ୟରେ ବାଧକ ସାଜିଥିବା ରେଳଧାରଣା।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ପଞ୍ଚାୟତର ୧୨ଟି ଗ୍ରାମ ବିକାଶରେ ରେଳଧାରଣା ବାଧକ ସାଜିଛି। ଏହି ଗ୍ରାମଗୁଡ଼ିକ ବିଶାଖାପାଟଣା–କିରାଣ୍ଡୁଲ ରେଳ ଧାରଣା ଆରପଟେ ରହିଛି। ରେଳ ଧାରଣା ଆରପଟକୁ ଭାରିଯାନ ଯାତାୟାତ ନିଷେଧ ଥିବାରୁ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। ଉକ୍ତ ରେଳଧାରଣାର ଦାର୍ଲିପୁଟ ଷ୍ଟେଶନ ନିକଟରେ ଭୂତଳ ସେତୁ ନିର୍ମାଣ ନିମନ୍ତେ ୫।୨।୨୦୧୯ରେ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ କୋରାପୁଟ ଜିଲାରେ ୭ଟି ଭୂତଳ ସେତୁର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସମୟରେ ତତ୍କାଳୀନ ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ ଉପସ୍ଥିତ ଥିଲେ। ମାତ୍ର ଭିତ୍ତିପ୍ରସ୍ତର ସ୍ଥାପନର ୪ବର୍ଷ ବିତିଯାଇଥିବା ସତ୍ତ୍ୱେ ଉକ୍ତ ଜାଗାରେ ଭୂତଳସେତୁ ନିର୍ମାଣର କୌଣସି ପ୍ରକ୍ରିୟା ଏଯାଏ ଆରମ୍ଭ ହୋଇନାହିଁ। ଫଳରେ ରେଳ ଧାରଣା ଆରପଟେ ଥିବା ୧୨ ଗ୍ରାମବାସୀ ସରକାରଙ୍କ କୌଣସି ଯୋଜନାରୁ ଉପକୃତ ହୋଇପାରୁନାହାନ୍ତି। ଫଳରେ ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଭୂତଳ ସେତୁ ନିର୍ମାଣ ହେଲେ ପାଡୁଆ ପଞ୍ଚାୟତ ହାତୀବାରି ପଞ୍ଚାୟତ ସହ ସଂଯୋଗ ହେବ। ଅନ୍ୟପକ୍ଷରେ ଭୂତଳ ସେତୁ ନିର୍ମାଣ ବଦଳରେ ଏବେ ରେଳ ଧାରଣାର ଆରପଟେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା କାମ ଆରମ୍ଭ ହୋଇଛି। ରେଳଧାରଣା ଆରପଟକୁ ଭାରିଯାନ ଚଳାଚଳ ନିଷେଧ ଥିବାରୁ ରାସ୍ତା ନିର୍ମାଣରେ ବ୍ୟବହୃତ କୌଣସି ସାମଗ୍ରୀ ନେବା ଆଣିବା କରିବା କଷ୍ଟକର ହେଉଛି। ରାଜ୍ୟ ସରକାର, ରେଳ ବିଭାଗ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ପାଡୁଆ ପଞ୍ଚାୟତର ଗାଲଗଣ୍ଡା, ଦାର୍ଲିପୁଟ, ପୂଜାରିପୁଟ, ଗୁମିଗୁଡ଼ା, ଗତରଖଣ୍ଡା, ଗୁଞ୍ଜିଗୁଡ଼ା, ବାଲିଘାଟ, ସଦରଆମ୍ବ, ଫୁଲଗୁଡ଼ା, କଟରାଗୁଡା, ଆମ୍ବାପଡ଼ା ଓ ଜୋଗିବାରି ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ବିଶାଖାପାଟଣା କିରାଣ୍ଡୁଲ ରେଳଧାରଣାର ଦୋହରୀକରଣ କାର୍ଯ୍ୟ ଚାଲିଥିବାରୁ ଏବେ ଭୂତଳ ସେତୁ ନିର୍ମାଣକଲେ ରେଳଧାରଣାର କୌଣସି କ୍ଷତି ହେବନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

**ଭିତ୍ତିପ୍ରସ୍ତର ସ୍ଥାପନର ୪ବର୍ଷ ବିତିଲା ଭୂତଳ ସେତୁ ନିର୍ମାଣ ନୋହିଲା**

# ରଥିବାଲି ପର୍ଯ୍ୟଟନସ୍ଥଳୀକୁ ସଫାସୁତୁରା କଲେ ଛାତ୍ରୀଛାତ୍ର

ପଟ୍ଟାଙ୍ଗି,୩୦।୧୨ (ଶରତ ଧଳ)

ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକମାନେ ବୁଲି ଫେରିଯାନ୍ତି। ମାତ୍ର ଏହାର ସୁରକ୍ଷା ଓ ବିକାଶ କଥା କେହି ଚିନ୍ତାକରି ନ ଥାନ୍ତି। ଏପରି ସ୍ଥଳେ ନିଜ ସାଙ୍ଗସାଥୀ ପରିଜନଙ୍କୁ ନେଇ ପର୍ଯ୍ୟଟନ ସ୍ଥଳୀକୁ ବୁଲିବାକୁ ଯାଉଥିବା ପର୍ଯ୍ୟଟକଙ୍କ ପାଇଁ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଦାହରଣ ସାଜିଛନ୍ତି। ସେମାନେ ଏହି ପର୍ଯ୍ୟଟନ ସ୍ଥଳୀକୁ ସଫାସୁତୁରା କରି ଅନ୍ୟମାନଙ୍କ ପାଇଁ ସ୍ୱଚ୍ଛ ପରିବେଶର ବାର୍ତ୍ତା ଦେଇଛନ୍ତି।

ଖବରରୁ ଜଣାପଡିଛି, କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ନୂଆଁଗା ପଞ୍ଚାୟତ ଅନ୍ତର୍ଗତ ଗାଲିଗାବାଡାର ରଥିବାଲି ଜଳପ୍ରପାତକୁ ବିଭିନ୍ନ ସମୟରେ ବହୁ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ବ୍ଲକର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ଏଠାକୁ ଆସିଥାନ୍ତି। କାର୍ଯ୍ୟକ୍ରମର ସଂଯୋଜକ ସରୋଜ ଭୂୟାଁଙ୍କ ନେତୃତ୍ୱରେ ଉକ୍ତ ପର୍ଯ୍ୟଟନ ସ୍ଥଳୀ ଜଳପ୍ରପାତକୁ ବିଦ୍ୟାଳୟର ୨୦୦ ଛାତ୍ରୀଛାତ୍ର ଶନିବାର ସଫାସୁତୁରା କରି ପଡିଥିବା ଅଳିଆ ଆବର୍ଜନାକୁ ସଫା କରିଛନ୍ତି। ଏହାକୁ ଦୂର ସ୍ଥାନକୁ ନେଇ ଫିଙ୍ଗିଛନ୍ତି। ଉପସ୍ଥିତ ପର୍ଯ୍ୟଟକମାନଙ୍କୁ ଛାତ୍ରୀଛାତ୍ରମାନେ ପରିବେଶ ପ୍ରଦୂଷଣ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ ସମୟରେ ବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାମଲ, ଅଧ୍ୟାପକ ତ୍ରୈଲୋଚନ ରଣା, ସୁଧାଂଶୁ ଜେନା, ଅଧ୍ୟାପିକା ରାଜଶ୍ରୀ ବିଶ୍ୱଳ, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ସରପଞ୍ଚ ସୁବାସ ଖରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଛାତ୍ରୀଛାତ୍ରମାନେ ରଥିବାଲି ପର୍ଯ୍ୟଟନ ସ୍ଥଳୀରେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରୁଛନ୍ତି।

# କୋରାପୁଟକୁ ୭ ସ୍ୱର୍ଣ୍ଣ ସହ ୧୭ ପଦକ


ପଦକ ଜିତିଥିବା ଛାତ୍ରୀଛାତ୍ରମାନେ।

କୋରାପୁଟ,୩୦।୧୨ (ଅମିତାଭ ବେହେରା)

**୨୧ ତମ ଅଲଇଣ୍ଡିଆ ଇଣ୍ଟରସ୍କୁଲ ସିନିୟର ଫେଡେରେଶନ କପ୍ ପ୍ରତିଯୋଗିତା**

ବିଶାଖାପାଟଣାସ୍ଥିତ ସ୍ୱର୍ଣ୍ଣ ଭାରତୀ ଷ୍ଟାଡିୟମଠାରେ ଆୟୋଜିତ ୨୧ତମ ଅଲ ଇଣ୍ଡିଆ ଇଣ୍ଟର ସ୍କୁଲ ସିନିୟର ଫେଡେରେଶନ କପ୍ ପ୍ରତିଯୋଗିତାରେ କୋରାପୁଟକୁ ୭ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୮ଟି ବ୍ରୋଞ୍ଜ ପଦକ ମିଳିଛି। କୋରାପୁଟ ସେନସାଇ କରାଟେ ଆସୋସିଏଶନ ଛାତ୍ରୀଛାତ୍ରମାନେ ମୋଟ ୧୭ଟି ପଦକ ଜିତି ଜିଲାପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗିତାରେ ୧୮ଟି ରାଜ୍ୟର ପ୍ରାୟ ୨ହଜାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରେ କୋରାପୁଟର ୧୮ ଜଣ ପ୍ରତିଯୋଗୀ ଥିଲେ। ସେମାନଙ୍କ ମଧ୍ୟରୁ ଅକ୍ଷରା ରାଉତ କାଟାରେ ସ୍ୱର୍ଣ୍ଣ, ଓ କୁମତେରେ ରୌପ୍ୟ ପଦକ ପାଇଥିବା ବେଳେ ଆକାଶ ସାଗର କଟା ଓ କୁମତେରେ ସ୍ୱର୍ଣ୍ଣ, ନିହାଲ ପାଙ୍ଗି ଓ ବିନମ୍ର ଚାଲାଣ କଟାରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ସଞ୍ଜିବନୀ ପାଢ଼ୀ କାଟାରେ ସ୍ୱର୍ଣ୍ଣ ଓ କୁମତେ ସିଲଭର ପାଇଥିବା ଜଣାଯାଇଛି। ଯୋଗେଶ ସାହୁ, ତରୁଣ ଖୋସାଲା , ସାଇ ସନ୍ତୋଷ ଦାସ, ରନଥ ପଟ୍ଟନାୟକ, ଶୁଭନ ହରିଜନ, ବିନମ୍ର ଚାଲାଣ, ଗିତେଶ ପାତ୍ର, ଶୁଭାଂଶୁ ଆଦି ଛାତ୍ରୀଛାତ୍ରଙ୍କୁ ୮ଟି ରୋପ୍ୟ ପଦକ ମିଳିଥିବା ସିଂହାନ ରମେଶ ଦାସ କହିଛନ୍ତି। ଟିମ ଲିଡର ଭାବେ ସେନସାଇ ଶିବରାମ ରାଉତ ଓ ମହେଶ କୁମାରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ବିଶାଖାପାଟଣା ଯାଇଥିଲେ।

## ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସ୍ଥାନାନ୍ତର ହେଲେ ଡାଲମେ

**ଧରିତ୍ରୀ ପ୍ରଭାବ**

ଦଶମନ୍ତପୁର,୩୦।୧୨ (ଅରବିନ୍ଦ ନାୟକ)

ଦୀର୍ଘ ୧୭ ବର୍ଷ କାଳ ଜୀବନ ଅତିବାହିତ କରୁଥିବା ଜଣେ ମସ୍ତିଷ୍କ ବିକୃତ ମହିଳା ଶନିବାର ଉଚ୍ଚତର ଚିକିତ୍ସା ପାଇଁ କୋରାପୁଟକୁ ସ୍ଥାନାନ୍ତରିତହୋଇଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ଚାଉଳକନ୍ତି ଗ୍ରାମର ଏହି ମହିଳା ଜଣକ ହେଲେ ସିମନ କୁଲିସିକାଙ୍କ ସ୍ତ୍ରୀ ଡାଲମେ(୩୦)। ସେ ଦୀର୍ଘ ୩୦ ବର୍ଷ ତଳେ ଏହି ଗ୍ରାମରେ ବିବାହ କରିଥିଲେ। ବିବାହର ୮ ବର୍ଷ ପରେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ। ତାଙ୍କ ନାମ ଅଭି କୁଲିସିକା(୧୬)। ସେ ୧୭ ବର୍ଷ ହେଲା ଘର ପାର୍ଶ୍ୱରେ ଥିବା ଏକ ଗୁହାଳ ଘରେ ରହି ଆସୁଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସାମାଜିକ କର୍ମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟୁଇଟ୍ ଯୋଗେ ଜଣାଇଥିଲେ। ଏହା ପରେ ଡାଲମେଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଉଚ୍ଚତର ଚିକିତ୍ସା ପାଇଁ ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ଦିଗ ବିଜୟ ସିଂ କହିଛନ୍ତି।

# ୨୫୩ ହିତାଧିକାରୀଙ୍କୁ ସହାୟତା


ବିଧାୟକ ତାରାରାପ୍ରସାଦ ବାହିନୀପତିଙ୍କ ସହ ସହାୟତା ପାଇଥିବା ନିର୍ମାଣ ଶ୍ରମିକମାନେ।

କୋରାପୁଟ/ ବୋରିଗୁମ୍ମା ,୩୦।୧୨ (ଅମିତାଭ ବେହେରା/ବିଜୟ ସାହୁ)

**ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା**

କୋରାପୁଟ ଜିଲା ପ୍ରଶାସନ ଓ ଶ୍ରମ ବିଭାଗର ପକ୍ଷରୁ ବୋରିଗୁମ୍ମା ଟାଉନହଲ ପରିସରରେ ନିର୍ମାଣ ଶ୍ରମିକ ସହାୟତା ରାଶି ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ସରକାରଙ୍କ ପକ୍ଷରୁ ଶ୍ରମିକଙ୍କୁ ମିଳୁଥିବା ବିଭିନ୍ନ ସହାୟତା ସମ୍ପର୍କରେ ଅବଗତ କରାଇଥିଲେ। ଯେଉଁମାନେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକୃତ ହୋଇନାହାନ୍ତି ସେମାନଙ୍କୁ ଖୁବ୍ ଶୀଘ୍ର ପଞ୍ଜୀକରଣ କରି ନେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦିପ୍ତୀମଣି ନାୟକ, ଉପାଧ୍ୟକ୍ଷ ରାଧାକାନ୍ତ ସାମନ୍ତରା, ଜିଲା ପରିଷଦ ସଭ୍ୟ ମଞ୍ଜୁଳା ଘାଷି ଉପସ୍ଥିତ ଥିଲେ। ଏହି ସଭାରେ ଜୟପୁର ଯୁଗ୍ମ ଶ୍ରମ ଆୟୁକ୍ତ ନରହରି ରାଇକା, ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ, ବିଡିଓ ବିକ୍ରମ ଦୋରା, ବୋରିଗୁମ୍ମା ସହକାରୀ ଶ୍ରମ ଅଧିକାରୀଙ୍କ ସହ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର କର୍ମଚାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଜୟପୁର ଓ ବୋରିଗୁମ୍ମା ଅଞ୍ଚଳର ୨୫୩ ଜଣ ହିତାଧିକାରୀଙ୍କୁ ୧କୋଟି ,୪୫ ଲକ୍ଷ ୮୭ ହଜାର ୬୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିକ୍ଷା ସହାୟତା ବାବଦରେ ୨୪ ଜଣଙ୍କୁ ୧ ଲକ୍ଷ ୪୨ ହଜାର ୬୦୦ ଟଙ୍କା, ବିବାହ ସହାୟତା ବାବଦରେ ୧୨୮ ଜଣଙ୍କୁ ୬୪ ହଜାର ଟଙ୍କା, ପ୍ରସୂତି କାଳୀନ ସହାୟତା ବାବଦରେ ୨୬ ଜଣଙ୍କୁ ଟ.୨ଲକ୍ଷ ୬୦ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ବାବଦରେ ୩୮ ଜଣଙ୍କୁ ୭୬ ହଜାର ଟଙ୍କା ଓ ଅନ୍ତେଷ୍ଟିକ୍ରିୟା ବାବଦରେ ୩୭ ଜଣଙ୍କୁ ୧ ଲକ୍ଷ ୮୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ, ସଭା ପରିଚାଳନା କରିଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତ ନରେନ୍ଦ୍ର ରାଇକା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ବୁଲୁ ଶ୍ରୀହରିଆ ଧନ୍ୟବାଦ ଦେଇଥିଲେ।

# ବନ ବିଭାଗ ପକ୍ଷରୁ ଚଢ଼ାଉ, ଆକାଶିଆ କାଠ ଜବତ

ବୈପାରିଗୁଡା, ୩୦।୧୨ (କଳ୍ପତରୁ ମହନ୍ତି)

କୋରାପୁଟ ଜିଲା ବୈପାରିଗୁଡା ଓ କୁନ୍ଦୁରା ବନାଞ୍ଚଳ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇ ଶନିବାର ବୈପାରିଗୁଡା ବନାଞ୍ଚଳ ଓ କୁନ୍ଦୁରା ବ୍ଲକର ମସିଗାଁଠାରୁ ଆକାଶିଆ କାଠ ଜବତ ହୋଇଛି। ୨୦ ବର୍ଷ ତଳେ ସାମାଜିକ ବନ ପ୍ରକଳ୍ପ ପକ୍ଷରୁ ମସିଗାଁରେ ରାସ୍ତା ପାର୍ଶ୍ୱରେ ଆକାଶିଆ ଗଛ ଲାଗିଥିଲା। ସେତେବେଳେ ଏସବୁ ଗଛ ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମକମିଟିକୁ ପ୍ରଦାନ କରାଯାଇଥିଲା। ତେବେ ଗତ କିଛି ବର୍ଷ ତଳେ ସାମାଜିକ ବନ ପ୍ରକଳ୍ପ ଉଠିଯାଇ ଉକ୍ତ ବିଭାଗର କର୍ମଚାରୀଙ୍କୁ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ଏଠାରେ ଥିବା ଆକାଶିଆ ଗଛଗୁଡିକ କାଠ ବ୍ୟବସାୟୀଙ୍କ ନଜର ପଡିବା ପରେ ଏହାକୁ କାଟି ଅନ୍ୟତ୍ର ଚାଲାଣ କରାଯାଉଥିଲା। ଏନେଇ ଖବର ପାଇ ଜୟପୁର ଡିଏଫ୍‌ଓ ପ୍ରକାଶ ବେହେରାଙ୍କ ନିର୍ଦ୍ଦେଶରେ ଶନିବାର ଚଢାଉ କରାଯାଇଥିଲା। ଚଢାଉରେ ସହକାରୀ ବନ ସଂରକ୍ଷକ ଅଜିତ୍ ବିଶି, ବୈପାରିଗୁଡା ରେଞ୍ଜର ସନ୍ଦିପ ପାଣିଗ୍ରାହୀ ଓ କୁନ୍ଦୁରା ରେଞ୍ଜର ବିଶ୍ୱଜିତ୍ ମାଣ୍ଡିକ ସାମିଲ ହୋଇଥିଲେ। ଅଧିକାରୀମାନେ ସଦଳବଳେ ଚଢାଉ କରି କଟାଯାଇଥିବା ଆକାଶିଆ କାଠକୁ ଜବତ କରିଥିଲେ। ତେବେ ଏଥିରେ ସମ୍ପୃକ୍ତ କାଠ ବ୍ୟବସାୟୀମାନେ ଫେରାର ହୋଇ ଯାଇଛନ୍ତି। ତେବେ ସେମାନଙ୍କୁ ଧରିବା ଲାଗି ଉଦ୍ୟମ ଜାରି ଥିବା ବନାଞ୍ଚଳ ଅଧିକାରୀ ପାଣିଗ୍ରାହୀ କହିଛନ୍ତି।



ଜବତ କାଠକୁ ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଉଛି ।

# ଦୁର୍ଘଟଣାର ୩୮ ଘଣ୍ଟା ପରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ

ପଟ୍ଟାଙ୍ଗି,୩୦।୧୨ (ଶରତ ଧଳ)

**୩ ଦିନ ପରେ ଦୁର୍ଘଟଣାଗ୍ରସ୍ତ ଡ୍ରାଇଭରଙ୍କ ମୃତଦେହ ବ୍ୟବଚ୍ଛେଦ**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତର ରାଜୁଗୁଡା ପୂର୍ବରୁ ନିକଟରେ ଏକ ହାଡ୍ରୋକ୍ଲୋରିକ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର ୩୮ ଘଣ୍ଟା ପରେ ଏବେ ଏହି ରାସ୍ତାରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଛି। ଘଟଣାର ୩ ଦିନ ପରେ ଡ୍ରାଇଭର ହରିଶ କୁମାର ଗଣ୍ଡଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି।

ତାଙ୍କ ପରିଚୟ ମିଳିବା ପରେ ପୋଲିସ ପରିବାର ଲୋକଙ୍କୁ ଖବର ଦେଇ ତଦନ୍ତ ଜାରି ରଖିଛି। ଗୁରୁବାର ଅପରାହ୍ନରେ ଉପରୋକ୍ତ ସ୍ଥାନରେ ହାଡ୍ରୋକ୍ଲୋରିକ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରଠାରୁ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଚଳାଚଳ ବନ୍ଦ ରହିଥିଲା। କୋରାପୁଟ ଓ ଆନ୍ଧ୍ରକୁ ଯାତାୟାତ କରୁଥିବା ସମସ୍ତ ଗାଡ଼ିକୁ ଅଗ୍ନିଶମ ଓ ପୋଲିସ ବନ୍ଦ ରଖିଥିଲା। ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଏବଂ ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କ ଉଦ୍ୟମରେ ଦୁର୍ଘଟଣାସ୍ଥଳରୁ ଶୁକ୍ରବାର ବିଳମ୍ବିତ ରାତି ୩ଟାରେ ଏହି ଟ୍ୟାଙ୍କରକୁ ଉଠାଇବା ପରେ ଜାତୀୟ ରାଜପଥରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଛି। ଅନ୍ୟପକ୍ଷରେ ଟ୍ୟାଙ୍କର ଦୁର୍ଘଟଣା ହେବା ସ୍ଥାନରୁ ପ୍ରାୟ ୨୦ ମିଟର ଦୂରରୁ ମିଳିଥିବା ଏକ ମୃତଦେହକୁ ନେଇ ପୋଲିସ ଚିନ୍ତାରେ ପଡିଛି। ଏହାକୁ ଜବତକରି ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ରଖି ଚିହ୍ନଟ ପାଇଁ ଉଦ୍ୟମ ଜାରି ରହିଛି। ତେବେ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ମାଲିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ମୃତଦେହଟି ଟ୍ୟାଙ୍କରର ଡ୍ରାଇଭର ବୋଲି ଜଣାପଡିଛି। ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହେଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସେବା ମନୋଭାବ ନେଇ କର୍ତ୍ତବ୍ୟ ପଥରେ ଯିବାକୁ ଆହ୍ୱାନ

ଝରିଗାଁ,୩୦।୧୨ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଝରିଗାଁ ବ୍ଲକ ସଦର ମହକୁମାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ–ଓ ଯୁବ ଓଡ଼ିଶା– ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ବିଡିଓ ସତ୍ୟନାରାୟଣ ମେହେର, ତହସିଲଦାର ଶଙ୍କର ପଟ୍ଟନାୟକ, ଥାନାଧିକାରୀ ତପନ ପତି, ସରପଞ୍ଚ ମୋହନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଯୁବଶକ୍ତିର ସାମଗ୍ରିକ ବିକାଶ ପାଇଁ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ କଳା, ପ୍ରତିଭାକୁ ଲୋକଲୋଚନକୁ ଆଣିବା ନେଇ ରାଜ୍ୟ ସରକାରଙ୍କର ଏହା ଅଭିନବ ପ୍ରୟାସ ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ର ସାମାଜିକ ସେବା ମନୋଭାବ ନେଇ ନିଜର ଦକ୍ଷତା ପ୍ରତିପାଦନ କରି କର୍ତ୍ତବ୍ୟ ପଥରେ ଆଗେଇ ଯିବାକୁ ଯୁବଶକ୍ତିଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ କ୍ରୀଡ଼ା, ସାହିତ୍ୟ,ସାଂସ୍କୃତିକ ଓ ସାମାଜିକ ସେବା ମୂଳକ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର କର୍ମଚାରୀ ଓ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, କ୍ରୀଡା ଶିକ୍ଷକ, ଗ୍ରନ୍ଥଗାରିକ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଉପସ୍ଥିତ ଅତିଥିମାନେ।

# ଦୁର୍ଘଟଣା ପରେ ଶେଯରେ କମଳ, ସହାୟତା ଅପେକ୍ଷାରେ କଟୁଛି ଦିନ

ଡାବୁଗାଁ,୩୦।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଧକ୍କାଦେଲା ଗାଡ଼ି। ଅର୍ଥ ଅଭାବରୁ ଆହତ ହୋଇ ଦେଶୀ ଚିକିତ୍ସା ଉପରେ ନିର୍ଭରକଲେ। ଏହା ମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ଶେଯରୁ ଉଠିପାରୁନାହାନ୍ତି ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଘୋଡ଼ାଖୁଣ୍ଟା ପଞ୍ଚାୟତ ମୁଣ୍ଡିଗୁଡ଼ା ଗ୍ରାମରେ କମଳଚାନ୍ଦ ଓଡ଼। ପିଲା ୪ଜଣ, ସ୍ତ୍ରୀଙ୍କୁ ନେଇ କମଳଙ୍କ ୬ପ୍ରାଣୀ କୁଟୁମ୍ବ। ଜମିବାଡି ନାହିଁ, ମୂଲ ଲାଗିଲେ ପରିବାର ଚଳେ। ଘରଲୋକ ଏବେ ବେଳେ ଖାଇଲେ ବେଳେ ଓପାସ। ଶେଯରେ ପଡ଼ି ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି କମଳଚାନ୍ଦ।

ନଭେମ୍ବର ୧୨ ସନ୍ଧ୍ୟା ୭ଟା। ସବୁଦିନ ଭଳି କମଳ ବାହାରକୁ ଯାଇ ଶୌଚ ହୋଇ ଘରକୁ ଫେରୁଥିଲେ। ସେଦିନ ଫେରିବାବେଳେ ଆମ୍ବତୋଟା ପାଖରେ କମଳଙ୍କୁ ଡଙ୍ଗରା ଗ୍ରାମର ଭାସ୍କର ଭତ୍ରା ଓ କୁମର ଭତ୍ରା ନେଇ ଯାଉଥିବା ବାଇକ (ଓଡି୨୪ଡି–୦୨୨୫) ଧକ୍କା ଦେଇଥିଲା। ଏହାପରେ ସେମାନେ ଘଟଣାସ୍ଥଳରୁ ପଳାଇଥିଲେ। ଶୁକୁ ଓଡ଼ ଓ ସୋନୁ ଓଡ଼ କମଳଙ୍କୁ ଉଦ୍ଧାରକରି ଡାବୁଗାଁ, ନବରଙ୍ଗପୁର ଓ କୋରାପୁଟ ନେଇ ନିଜ ହାତରୁ ଖର୍ଚ୍ଚକରି ଚିକିତ୍ସା କରାଇଥିଲେ। କୋରାପୁଟ ଡାକ୍ତରଖାନାରେ କମଳଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଯିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ମୂଲ ଲାଗି ଚଳୁଥିବା କମଳ ଟଙ୍କା ନ ଥିବାରୁ ସେଠାକୁ ନ ଯାଇ ଘରକୁ ଫେରି ଆସିଥିଲେ। ସେଠାରୁ ଆସି ଦେଶୀ ଔଷଧ ଚିକିତ୍ସା କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସେ ଶେଯରୁ ଉଠି ପାରୁନାହାନ୍ତି। ବାଇକ୍‌ଟି ଉକ୍ତ ଗ୍ରାମର ୯ ନମ୍ବର ୱାର୍ଡସଭ୍ୟ କୃଷ୍ଣ ଭତ୍ରାଙ୍କ ଜିମାରେ ରଖି ଥିଲେ, ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିଙ୍କ ଘରକୁ ୱାର୍ଡ ସଭ୍ୟ ସମାଧାନ ନିମନ୍ତେ ଯାଇ ଥିଲେ। କିନ୍ତୁ କମଳଙ୍କ ଚିକିତ୍ସା ନିମନ୍ତେ କୌଣସି ଖର୍ଚ୍ଚ କରିବା ପାଇଁ ଦେଇ ନ ଥିଲେ। ଏ ନେଇ ନଭେମ୍ବର ୧୪ରେ ସୁନା ଓଡ, ଧନପତି ଓଡ, ଡମ୍ବରୁ ପନକା ଓ ରାମ ସିଂ ଓଡ ପ୍ରମୁଖ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ଉକ୍ତ ଗ୍ରାମକୁ ଯାଇ ବାଇକ ଆଣି ଥାନାରେ ରଖି କେସ୍ ନଂ. ୨୫୦/୩୩ରେ ମାମଲା ରୁଜୁକରି କାମ ସାରିଦେଲା। କମଳ ଦୁର୍ଘଟଣାର ଶିକାର ହୋଇ ଘରେ ପଙ୍ଗୁ ହୋଇ ପଡ଼ିରହିଲେ। ପଇସା ଆସିବ କେଉଁଠୁ। କେମିତି ପିଲାଙ୍କ ପେଟକୁ ଦାନା ଦେବେ, ନିଜର ଚିକିତ୍ସା ଖର୍ଚ୍ଚ ଉଠାଇବେ ନା କେସ୍ ଲଢ଼ିବେ। ଏହା ଭାବିଭାବି ଚିନ୍ତାରେ କମଳ। ଏ ନେଇ ସେ ପ୍ରଶାସନକୁ ସହାୟତା ଦେବାକୁ ନିବେଦନ କରିଛନ୍ତି। କମଳଙ୍କୁ ଚିକିତ୍ସା ଖର୍ଚ୍ଚ ଓ ପରିବାରକୁ ସହାୟତା ଯୋଗାଇ ଦେବାକୁ ୱାର୍ଡ ସଭ୍ୟ ଓ ଗ୍ରାମବାସୀ ଦାବି କରିଛନ୍ତି।


ଶର୍ଯ୍ୟାଶାୟୀ କମଳ ।

